# ଉଦ୍ୟମ ପଞ୍ଜିକରଣ କରାଇବାର ଫାଇଦା

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ , ଭାରତ ସରକାର, ଭାରତର ଗେଜେଟ୍, ଅତିରିକ୍ତ ଭାଗ-୨, ଧାରା-୩, ଉପଧାରା(ଖ) ତା୨୬ ଜୁନ୍ ୨୦୨୦ ଦ୍ୱାରା ଅଣୁ , କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବିଭାଗୀକରଣ ପାଇଁ , ଉଭୟ ପୁଞ୍ଜିଲଗାଣ ଓ ଉତ୍ପାଦନ / କାରବାରକୁ ବିଚାରକୁ ନେଇ ସମ୍ମିଶ୍ରିତ ମାନଦଣ୍ଡର ଅଧିସୂଚନା ଜାରି କରିଛନ୍ତି ଯାହାକି ୧ ଜୁଲାଇ ୨୦୨୦ ରୁ ପ୍ରଭାବୀ ହୋଇଆସିଛି।

ଏମ୍ଏସ୍ଏମ୍ଇ (ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) ର ନୂଆ ସଂଜ୍ଞାର ପରିସରଭୁକ୍ତ ହେବାକୁ ଏବଂ ବ୍ୟାପାରରେ ସୁଗମତା ହାସଲ କରିବା ପାଇଁ, ଏହି ବ୍ୟବସ୍ଥା ଏମ୍ଏସ୍ଏମ୍ଇ ପାଇଁ ଏକ ସ୍ଥାୟୀ ପଞ୍ଜିକରଣର ସୁବିଧା ପ୍ରଦାନ କରିବ ଯାହାର ନାମ 'ଉଦ୍ୟମ ପଞ୍ଜିକରଣ'

**ମୁଖ୍ୟ ବୈଶିଷ୍ଟ୍ୟ**

- ଯେ କୌଣସି ବ୍ୟକ୍ତି ଉଦ୍ୟୋଗ ପାଇଁ ଉଦ୍ୟମ ପଞ୍ଜିକରଣ କରିପାରିବେ। ଏଚ୍‌ଟିଟିପିଏସ୍ : // ଉଦ୍ୟମ ରେଜିଷ୍ଟ୍ରେସନ . ଗଭ୍ . ଇନ୍ / ଗଭର୍ଣ୍ଣମେଣ୍ଟ-ଇଣ୍ଡିଆ/ ମିନିଷ୍ଟ୍ରି-ଏମ୍ଏସ୍ଏମ୍ଇ.ରେଜିଷ୍ଟ୍ରେସନ.ଏଚଟିଏମ୍ (https:/udyamregistration.gov.in/Government-India/Ministry-MSME-registration.htm) ପୋର୍ଟାଲ ମାଧ୍ୟମରେ ଏହା ପଞ୍ଜିକୃତ ହୋଇପାରିବ।
- ଉଦ୍ୟମ ପଞ୍ଜିକରଣ ସମ୍ପୂର୍ଣ୍ଣ ମାତ୍ରାରେ କମ୍ପ୍ୟୁଟର ଆଧାରିତ (ଡିଜିଟାଲାଇଜ୍ଡ) ଏବଂ କାଗଜ -ରହିତ (କାଗଜଶୂନ୍ୟ)। କୌଣସି କାଗଜପତ୍ର (ଡକ୍ୟୁମେଣ୍ଟ) ଅପ୍‌ଲୋଡ୍ କରିବାର ଆବଶ୍ୟକତା ନାହିଁ।
- ପଞ୍ଜିକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଦେୟମୁକ୍ତ। କାହାକୁ କିଛି ଦାମ୍ ବା ଫିସ୍ ଦେବାକୁ ପଡ଼ିବନାହିଁ।
- ପଞ୍ଜିକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଲେ "ଉଦ୍ୟମ ପଞ୍ଜିକରଣ ପ୍ରମାଣପତ୍ର " ( ଉଦ୍ୟମ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍) ନାମକ ଏକ ଇ-ପ୍ରମାଣପତ୍ର (ଇ-ସାର୍ଟିଫିକେଟ୍) ଅନ୍‌ଲାଇନ୍‌ରେ ମିଳିବ।
- ଏହି ପ୍ରମାଣପତ୍ର (ସାର୍ଟିଫିକେଟ୍)ରେ ଏକ ସକ୍ରିୟ କ୍ୟୁ ଆର୍ କୋଡ୍ ଅଛି ଯେଉଁଥିରୁ ଆମ ପୋର୍ଟାଲର ୱେବ୍ ପୃଷ୍ଠା ଦେଖିହେବ ଏବଂ ଉଦ୍ୟୋଗ ସମ୍ବନ୍ଧୀୟ ସବିଶେଷ ବିବରଣୀ ଜାଣିହେବ।
- କୌଣସି ବ୍ୟକ୍ତି ଯଦି ଉଦ୍ଦେଶ୍ୟମୂଳକ ଭାବେ ଭୁଲ୍ ତଥ୍ୟ ପ୍ରଦାନ କରନ୍ତି କିମ୍ବା ଉଦ୍ୟମ ପଞ୍ଜିକରଣ ବା ଅଦ୍ୟତନ କରିବା ପ୍ରକ୍ରିୟାରେ ଥିବା ଆତ୍ମଘୋଷିତ ତଥ୍ୟ କିମ୍ବା ସଂଖ୍ୟା ଲୁଚାଇ ରଖନ୍ତି ତେବେ ତାଙ୍କୁ ଅଧିନିୟମର ଧାରା ୨୭ ରେ ଲିଖିତ ଅନୁସାରେ ଜରିମାନା ଦେବାକୁ ପଡ଼ିବ।
- ଏହି ଅନ୍‌ଲାଇନ୍ ବ୍ୟବସ୍ଥା ଆୟକର ଏବଂ ଦ୍ରବ୍ୟ ଏବଂ ସେବାକର ପରିଚୟ ନମ୍ବର (ଜି ଏସ୍ ଟି ଆଇ ଏନ୍ ) ବ୍ୟବସ୍ଥା ସହ ସମ୍ପୂର୍ଣ୍ଣ ରୂପେ ସଂଯୋଜିତ, ପୁଞ୍ଜିଲଗାଣ ଏବଂ ଉଦ୍ୟୋଗର ଉତ୍ପାଦ / କାରବାରର ସବିଶେଷ

ବିବରଣୀ ସରକାରୀ ତଥ୍ୟାବଳୀ (ଡାଟାବେସ୍)ରୁ ସ୍ୱୟଂକ୍ରୀୟ ଭାବେ ନିଆଯାଇଥାଏ। ରପ୍ତାନୀକୁ କାରବାର (ଉତ୍ପାଦନ) ହିସାବରେ ଅଂଶ ଭାବେ ଗ୍ରହଣ କରାଯାଏନାହିଁ।

- ଯେଉଁମାନଙ୍କର ଇଏମ୍ -୨ (ଉଦ୍ୟୋଗ ମେମୋରାଣ୍ଡମ୍ ) କିମ୍ବା ଇଉଏଏମ୍ (ଉଦ୍ୟୋଗ ଆଧାର ମେମୋରାଣ୍ଡମ୍ ) ପଞ୍ଜିକରଣ ଅବା ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟ ଅଧୀନସ୍ଥ କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଅନ୍ୟ କୌଣସି ପଞ୍ଜିକରଣ ଥିବ, ସେମାନଙ୍କୁ ତା ୩୧.୩.୨୦୨୧ ପୂର୍ବରୁ ପୁନଃ ପଞ୍ଜିକରଣ କରିବାକୁ ପଡ଼ିବ।
- କୌଣସି ଉଦ୍ୟୋଗ ଏକରୁ ଅଧିକ ପଞ୍ଜିକରଣ କରିପାରିବେ ନାହିଁ। କିନ୍ତୁ , ବିନିର୍ମାଣ (ମ୍ୟାନୁଫ୍ୟାକ୍ଚରିଂ) କିମ୍ବା ସେବା କିମ୍ବା ଉଭୟ ସମ୍ମିଶ୍ରିତ ଯେତେପ୍ରକାର କାର୍ଯ୍ୟ ଥିବ , ସବୁକୁ ଗୋଟିଏ ପଞ୍ଜିକରଣରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରାଯାଇପାରିବ ଅଥବା ଗୋଟିକରେ ମିଶାଇ ଦିଆଯାଇପାରିବ।

**ପଞ୍ଜିକରଣ ପାଇଁ ଆବଶ୍ୟକତା**

- ପଞ୍ଜିକରଣ ପାଇଁ କେବଳ ଆଧାର ନମ୍ବର ପର୍ଯ୍ୟାପ୍ତ
- ତା ୦୧.୦୪.୨୦୨୧ ଠାରୁ ପ୍ୟାନ୍ ଏବଂ ଜିଏସ୍ଟି ନମ୍ବର ରହିବା ବାଧ୍ୟତାମୂଳକ|
- GSTIN ପଞ୍ଜିକରଣ ଆବଶ୍ୟକତା ଠାରୁ ଛାଡ ହେବା , କେନ୍ଦ୍ରୀୟ ଦ୍ରବ୍ୟ ଏବଂ ସେବା କର ଆଇନ , 2017 (12 ର 2017) ନିୟମାବଳୀ ଅନୁଯାୟୀ ହେବ |

**ଏହି ପଞ୍ଜିକରଣର ଫାଇଦା**

- ଏହା ଏକ ସ୍ଥାୟୀ ପଞ୍ଜିକରଣ ଏବଂ ଯେ କୌଣସି ଉଦ୍ୟୋଗ ପାଇଁ ମୌଳିକ ପରିଚୟ ନମ୍ବର।
- ଏମ୍ଏସ୍ଏମ୍ଇ ପଞ୍ଜିକରଣ "କାଗଜ-ଶୂନ୍ୟ" ଏବଂ ଆତ୍ମ-ଘୋଷଣା ଉପରେ ଆଧାରିତ।
- ପଞ୍ଜିକରଣ ନବୀକରଣର କୌଣସି ଆବଶ୍ୟକତା ନାହିଁ।
- ବିନିର୍ମାଣ (ମ୍ୟାନୁଫ୍ୟାକ୍ଚରିଂ) କିମ୍ବା ସେବା କିମ୍ବା ଉଭୟ ସମ୍ମିଶ୍ରିତ ଥିବା ଯେତେସଂଖ୍ୟକ କାର୍ଯ୍ୟକଳାପ ଥିବ ସବୁକୁ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରିହେବ କିମ୍ବା ଗୋଟିଏ ପଞ୍ଜିକରଣରେ ଯୁକ୍ତ କରିହେବ।
- ଉଦ୍ୟମ ପଞ୍ଜିକରଣ ସହିତ , ଉଦ୍ୟୋଗ ମାନେ ନିଜକୁ , ଜିଇଏମ୍ (ସରକାରୀ ଇ-ମାର୍କେଟ୍ ମଞ୍ଚ- ସରକାରଙ୍କ ଠାରୁ 'ବ୍ୟବସାୟ') ଏବଂ "ସମାଧାନ" ପୋର୍ଟାଲ (ଦେଶରେ ବିଳମ୍ବଜନିତ ପ୍ରସଙ୍ଗର ସମାଧାନ ବିଷୟକ ଏକ ପୋର୍ଟାଲ ) ରେ ପଞ୍ଜିକୃତ କରାଇପାରିବେ ଏବଂ ଏକକାଳୀନ , ଏମ୍ଏସ୍ଏମ୍ଇ ମାନେ ନିଜେ , ତିନୋଟି କାର୍ଯ୍ୟକାରୀ ମଞ୍ଚ ଯଥା- ୧.ଡବଲ୍ୟୁ ଡବଲ୍ୟୁ ଡବଲ୍ୟୁ . ଇନଭଏସ୍ମାର୍ଟ.କମ୍ (www.invoicemart.com) ୨. ଡବଲ୍ୟୁ ଡବଲ୍ୟୁ ଡବଲ୍ୟୁ . ଏମ୍୧ଏକ୍ସଚେଞ୍ଜ.କମ୍ (www.m1xchange.com) ୩. ଡବଲ୍ୟୁ ଡବଲ୍ୟୁ ଡବଲ୍ୟୁ . ଆରଏକ୍ସିଲ୍.ଇନ୍ (www.rxil.in) ମଞ୍ଚ ମାଧ୍ୟମରେ TReDS ମଞ୍ଚ (ଗ୍ରହଣଯୋଗ୍ୟ ଦ୍ରବ୍ୟର ମୂଲ୍ୟସୂଚୀ -ଇନଭଏସ୍-ଏହି ମଞ୍ଚରେ କିଣାବିକା କରାଯାଏ) ରେ ନିଜକୁ ଉପସ୍ଥାପିତ କରିପାରିବେ।
- ଉଦ୍ୟମ ପଞ୍ଜିକରଣ , ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର ବିଭିନ୍ନ କାର୍ଯ୍ୟଯୋଜନା (ସ୍କିମ୍)ର ଫାଇଦା ଯଥା -ଋଣ ଗ୍ୟାରେଣ୍ଟି ଯୋଜନା (କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍ ), ସର୍ବସାଧାରଣ ଦ୍ରବ୍ୟ କ୍ରୟ ନୀତି

(ପବ୍ଲିକ୍ ପ୍ରୋକ୍ୟୁର୍‌ମେଣ୍ଟ ପଲିସି), ସରକାରୀ ଟେଣ୍ଡର୍‌ର ଅଧିକ ଅଗ୍ରୀମତା, ବିଳମ୍ବିତ ଦେଣ ବିରୁଦ୍ଧରେ ସୁରକ୍ଷା- ଏ ସବୁର ଲାଭ ଉଠାଇବା ପାଇଁ ସାହାଯ୍ୟ ମଧ କରିପାରେ।

- ଏମ୍‌ଏସ୍‌ଏମ୍‌ଇ ମାନେ ବ୍ୟାଙ୍କରୁ ପ୍ରାଥମିକତା କ୍ଷେତ୍ର ଋଣ (ପ୍ରାୟରିଟି ସେକ୍ଟର ଲେଣ୍ଡିଂ ) ପାଇଁ ଯୋଗ୍ୟ ହୋଇପାରିବେ।

**ପ୍ରାଥମିକତା କ୍ଷେତ୍ର ଋଣ**

ପ୍ରାଥମିକତା କ୍ଷେତ୍ର ଋଣ ପାଁଇ ମାର୍ଗଦର୍ଶିକା ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥାଏ। ଭାରତୀୟ ରିଜର୍ଭବ୍ୟାଙ୍କ୍ ପରିପତ୍ର ସଂଖ୍ୟା (ସର୍କୁଲାର୍ ନଂ.) ଆର୍‌ବିଆଇ / ଏଫ୍‌ଆଇଡିଡି / ୨୦୨୦ / ୨୧/୭୨ ମୁଖ୍ୟ ନିର୍ଦ୍ଦେଶ ଏଫ୍‌ଆଇଡିଡି .ସିଓ.ପ୍ଲାନ୍.ବିସି.୫/୦୪.୦୯.୦୧/୨୦୨୦-୨୧ ତାରିଖ ସେପ୍ଟେମ୍ବର ୦୪, ୨୦୨୦ ଦ୍ୱାରା ପ୍ରାଥମିକତା କ୍ଷେତ୍ର ଋଣ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ତଦନୁସାରେ ପ୍ରାଥମିକତା କ୍ଷେତ୍ର ଅନ୍ତର୍ଗତ କ୍ଷେତ୍ରଗୁଡ଼ିକ ହେଲା (କ) କୃଷି (ଖ) ଅଣୁ, କ୍ଷୁଦ୍ର ଏବଂ ମଧମ ଉଦ୍ୟୋଗ (ଗ) ରପ୍ତାନୀ ଋଣ (ଘ) ଶିକ୍ଷା (ଚ)ଗୃହ (ଆବାସ) (ଛ)ସାମାଜିକ ଭିତ୍ତିଭୂମି (ଜ) ନବୀକରଣୀୟ ଶକ୍ତ (ଝ) ଅନ୍ୟାନ୍ୟ। ଏଣୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର "ପ୍ରାଥମିକତା କ୍ଷେତ୍ର ଋଣ" ପର୍ଯ୍ୟାୟରେ ଆସୁଛି। ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଅନୁସାରେ, ଏମ୍‌ଏସ୍‌ଏମ୍‌ଇର ପରିଭାଷା, ଭାରତ ସରକାର (ଜିଓଆଇ) ଗେଜେଟ୍ ଅଧିସୂଚନା ଏସ୍ .ଓ.୨୧୧୯(ଇ) ତାରିଖ ଜୁନ୍ ୨୬, ୨୦୨୦, ସହ ପଠିତ ଏବଂ ସମୟକ୍ରମେ ଅଦ୍ୟତନ କରାଯାଇଥିବା "ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗକୁ ଋଣ ପ୍ରବାହ " ଯଥାକ୍ରମେ-ପରିପତ୍ର ଆର୍‌ବିଆଇ /୨୦୨୦-୨୦୨୧/୧୦/ଏଫଆଇଡିଡି. ଏମ୍‌ଏସ୍‌ଏମ୍‌ଇ ଏବଂ ଏନ୍‌ଏଫ୍‌ଏସ୍.ବିସି.ନଂ.୩/୦୬.୦୨.୩୧/ ୨୦୨୦-୨୧, ସହ ପଠିତ ଏଫ୍‌ଆଇଡିଡି. ଏମ୍‌ଏସ୍‌ଏମ୍‌ଇ ଏବଂ ଏନ୍‌ଏଫ୍‌ଏସ୍ -ବିସି.ନଂ.୪/୦୬.୦୨.୩୧/୨୦୨୦-୨୧ ଯଥାକ୍ରମେ ତାରିଖ ଜୁଲାଇ ୨,୨୦୨୦ ଏବଂ ଅଗଷ୍ଟ ୨୧, ୨୦୨୦ ଦ୍ୱାରା ନିର୍ଣ୍ଣିତ କରାଯିବ। ପୁନଶ୍ଚ, ଏହି ଏମ୍‌ଏସ୍‌ଏମ୍‌ଇ (ଅଣୁ, କ୍ଷୁଦ୍ର, ମଧମ ଉଦ୍ୟୋଗ) ମାନେ, ଶିଳ୍ପ (ବିକାଶ ଏବଂ ନିୟନ୍ତ୍ରଣ) ଅଧିନିୟମ, ୧୯୫୧ ର ପ୍ରଥମ ସର୍ଗ (ସିଡିଉଲ୍)) ରେ ଲିଖିତ ଶିଳ୍ପ ସହିତ କୌଣସି ପ୍ରକାରରେ ସମ୍ପୃକ୍ତ ଦ୍ରବ୍ୟମାନ ଉତ୍ପାଦନ / ତିଆରି କରିବାରେ କିମ୍ବା ଏହି ଅନୁସାରେ ସେବା କିମ୍ବା ସେବାଗୁଡ଼ିକ ଯୋଗାଇବାରେ ନିୟୋଜିତ ଥିବା ଉଚିତ୍।

ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁରୂପ, ଅଣୁ, କ୍ଷୁଦ୍ର, ମଧମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)କୁ ପ୍ରଦାନ କରାଯାଉଥିବା ସମସ୍ତ ବ୍ୟାଙ୍କ ଋଣ , ପ୍ରାଥମିକତା କ୍ଷେତ୍ର ଋଣ ବର୍ଗରେ ବିଭାଗୀକୃତ ହେବାକୁ ଯୋଗ୍ୟ ହେବେ।